# ତହସିଲଦାର କାର୍ଯ୍ୟାଳୟ,ଚିକିଟୀ (ଗଂଜାମ)

ବିଜ୍ଞପ୍ତି ସଂଖ୍ୟା ୪୩୪୫/ସୈରାତ ତା ୦୨-୦୮-୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ 2016 ଓ ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ) ନିୟମାବଳୀ 2017 ଓ ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ) ନିୟମାବଳୀ 2018 ଅନୁଯାୟୀ ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଚିକିଟୀ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ Annexure-1 ରେ ପ୍ରଦତ୍ତ ) ଗୁଡ଼ିକୁ ଆସନ୍ତା (ପାଞ୍ଚ ବର୍ଷ ) ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି ।

### ଉତ୍ସର ବିବରଣୀ

| କ୍ରମିକ ନଂ | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକର | କିସମ | ଧାର୍ଯ୍ୟ ରୟାଲିଟି ର ମୂଲ୍ୟ ( ପ୍ରତିଘନ ମି.) (ଟଙ୍କାରେ ) | ଅତିରିକ୍ତ ଦେୟ ( ପ୍ରତିଘନ ମି.) (ଟଙ୍କାରେ) | ମୋଟ ଦେୟ ( ପ୍ରତିଘନ ମି.) (ଟଙ୍କାରେ ) | M.G.Q ଅନୁସାରେ ବାର୍ଷିକ ସୈରାତ ର ପରିମାଣ | ବ୍ୟାଙ୍କ ଜମା ଓ ଆୟ କର ପରିମାଣ (ଟଙ୍କାରେ) | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | ବଡବରଙ୍ଗା ବାଲି-1 | ବଡବରଙ୍ଗା | 675 | 258 | 3.509 ଏକର | ନଦୀ | 35 | 120 | 155 | 3500 | As per Rule Point no-5 | 27125 |
| | | | | 865/2916 | 8.846 ଏକର | ନଦୀ | | | | | | |
| 2 | ବଡବରଙ୍ଗା ବାଲି-2 | ବଡବରଙ୍ଗା | 675 | 258 | 8.846 ଏକର | ନଦୀ | 35 | 120 | 155 | 3500 | As per Rule Point no-5 | 27125 |

ଲିଜରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡ଼ିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।ଇଚ୍ଛୁକ ବ୍ୟକ୍ତି ବିଶେଷ OMMC-rule -2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପାରେ ଆବେଦନ କରିବେ ।

1. OMMC-Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତ କାରୀଙ୍କ ଦ୍ୱାରା ଦସ୍ତଖସ୍ତ କରାଯାଇଥିବା 3 କିତା Form M (3 Copies) ଦାଖଲ କରିବେ ।
2. ଦରଖାସ୍ତ ଫି ବାବଦକୁ ଟ. 1000(ଏକ ହଜାର ଟଙ୍କା) ର ଟ୍ରେଜରୀ ଚାଲାଣ (Head of Account-0853-Non Ferrous Mining & Meteorological Industries-102-Mineral Concession Fees Rent & Royalties) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
3. ଉତ୍ସର ନାମ ତଫସିଲ ଏବଂ ସରହଦ ବିବରଣୀ ସଲଗ୍ନ କରିବା ହେବେ ।

4. ଦରଖାସ୍ତ କାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

5. ଦରଖାସ୍ତକାରୀ 18 ମାସର ଅବଧି ଥାଇ ବାର୍ଷିକ ଆୟ ଦର୍ଶାଇଥିବା ପୂର୍ବ ବର୍ଷର ଆୟକର ବିବରଣୀ (IT Return) କିମ୍ବା **Bank Guarantee** ଦାଖଲ କରିବେ, ଯାହାର ସର୍ବ ନିମ୍ନ ମୂଲ୍ୟ ସୈରାତ ଉତ୍ସର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( **Minimum Guaranteed Quantity) x(Royalty + Offered Additional Charge)** ହେବା ଆବଶ୍ୟକ। **Annexure-1** କ୍ରମାନୁସାରେ ସୈରାତ ଉତ୍ସ ଗୁଡ଼ିକୁ ନିଲାମକୁ ନିଆଯିବ ଏବଂ ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ ITReturn କିମ୍ବା **Bank Guarantee**ମୂଲ୍ୟକୁ ଗ୍ରହଣ କରାଯିବ ।ଯଦି ଦରଖାସ୍ତ କାରୀ ଏକାଧିକ ସୈରାତ ଉତ୍ସ ନିମନ୍ତେ ଆବେଦନ କରିଥାନ୍ତି **Anexure-1** କ୍ରମାନୁଯାୟୀ **ITReturn**କିମ୍ବା **Bank Guarantee** ମୂଲ୍ୟକୁ ଗ୍ରହଣ କରାଯିବ ।

6. ଦରଖାସ୍ତକାରୀ ଆବେଦନ କରୁଥିବା ଉତ୍ସର **EMD ( Earnest Money Deposit)** ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ ( **Minimum Guaranteed Quantity) x(Royalty + Minimum Additional Charges)** ର ଶତକଡ଼ା 5 % ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର, ଚିକିଟି ଙ୍କ ନାମରେ କରିବା ବାଞ୍ଛନୀୟ । ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ

7. ଦରଖାସ୍ତକାରୀ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ତଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦି ର ପ୍ରମାଣ ପତ୍ର ସଲଗ୍ନ କରିବେ ।

8. ଦରଖାସ୍ତ କାରୀ PANCARD ର ନକଲ / **GST Clearance Certificate**ର ନକଲ ଦାଖଲ କରିବେ।

9. ଦରଖାସ୍ତକାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱ ଘୋଷିତ ଲିଖିତନାମା **(Self-Declaration)** ଦାଖଲ କରିବେ ।

10 ଦରଖାସ୍ତକାରୀ ସୈରାତ ଉତ୍ସର **Mining Plan, EC Preparation & Sairat Advertising Cost** ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

11. ଯଦି ସୈରାତ ଉତ୍ସର **MGQ** ପରିବର୍ତ୍ତନ କରିବା ଦରକାର ପଡେ ଦରଖାସ୍ତ କାରୀ ସୈରାତ ଉତ୍ସର **Revised Mining Plan** ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବାପାଇଁ ସତ୍ୟପାଠ ଦାଖଲ କରିବେ ।

12. ଦରଖାସ୍ତକାରୀଲଫାପାର ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ,ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

13. ଦରଖାସ୍ତକାରୀ ଉକ୍ତ ଉତ୍ସର **ROR, Trace Map, Land Schedule** ନକଲ ସଂଲଗ୍ନ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ ଲଫାପାରେ **Regd post/speed post** ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା **07-09-2022** ରିଖ ଠାରୁ ତା **06.10.2022** ରିଖ ମଧ୍ୟରେ **5.00 PM** ସୁଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ ତା **06.10.2022** ରିଖ **5.00 PM** ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ / ତା **07.10.2022** ରିଖ **11.00 AM** ସମୟରେ ଚିକିଟୀ ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ଏବଂ **OMMC-Rule-2016** ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ନାକଚ କରି ଦିଆଯିବ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତା **14.10.2022** ରିଖ **5.00 PM** ପର୍ଯ୍ୟନ୍ତ ପୂନର୍ବାର **Registered post/speed post** ଟେଣ୍ଡର ବକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା **15.10.2022** ରିଖ **11.00 AM** ସମୟରେ ଚିକିଟୀ ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ I

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୂର୍ନବାର ନିଲାମ ନ ହୋଇ ପାରେ ତେବେ ତାହା ତା **25.10.2022** ରିଖ **5.00 PM** ପର୍ଯ୍ୟନ୍ତ ପୂନର୍ବାର **Registered post/speed post** ଟେଣ୍ଡର ବକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା **26.10.2022** ରିଖ **11.00 AM** ସମୟରେ ଚିକିଟୀ ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ।

ଠିକଣା
ତହସିଲଦାର,ଚିକିଟୀ
ସା/ପୋ – ଚିକିଟୀ, ଜି – ଗଞ୍ଜାମ,
ପିନ – 761010

ତହସିଲଦାର,ଚିକିଟୀ

# ସର୍ତ୍ତାବଳୀ

1. ଆବେଦନକାରୀ ମାନେ **OMMC-rule -2016** ଏବଂ ଏହାର **Amendments Rule** ର ପରିସର ଭୁକ୍ତ ରହିବେ ।

2. ଆବେଦନକାରୀ ଲିଜ ପାଇଁ ଉର୍ଦ୍ଧ୍ୱ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉତ୍ସଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ
ସୁବିଧା ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉର୍ଦ୍ଧ୍ୱ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ
ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଲିଜ ଦିଆଯାଇ ଥିବା ଧାର୍ଯ୍ୟ
ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

3. ଲିଜଧାରୀ **Mining Plan,EC** ଏବଂ **Advertising** ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମ ଧାରୀ ସୈରାତ ଉତ୍ସ
ପିରଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ **(Consent to operate)** ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ**(Odisha pollution control Board)** ନିଜ
ଖର୍ଚ୍ଚରେ ପ୍ରାପ୍ତ କରିବେ ।

4 ବାଲି ସୈରାତ ଉତ୍ସ ପାଇଁ ଘନ ମିଟର **(per cubic Meter)** ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ **(Additional
charge)** ର ମୂଲ୍ୟ **Annexure-1** ମୁତାବକ ଧାର୍ଯ୍ୟ କରାଯାଇଛି ।

5 ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ **(Minimum Additional charge)** ଏବଂ **Royalty** ର ଦର ଠାରୁ କମ୍ ଦରରେ
ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

6 ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ **Additional charge** ମୂଲ୍ୟ ଦର୍ଶାଇଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ
କରାଯିବ।

7। ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ।

8. ଚୟନ କରାଯାଇଥିବା ନିଲାମ ଧାରୀଙ୍କ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ **Form-F** ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚାଳନା ନମନ୍ତେ
ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି **Form-F** ପାଇବାର 15 ଦିନ ମଧ୍ୟରେ ଚୟନ ହୋଇ ଥିବା ନିଲାମ ନେବା ନେଇ ସ୍ୱୀକୃତି ପ୍ରଦାନ କରିବେ
ଏବଂ ବାର୍ଷିକ ଦେୟ **( Minimum Guaranteed Quantity) x(Royalty + Offered Additional Charges + District Mineral
Foundation charges)** ର ଏକ ଚତୁର୍ଥାଂଶ **Earnest Money** କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ
ହୋଇଥିବା **Earnest Money** କୁ ସୁଧ ରହିତ ଅମାନତ ରାଶି **(Security Deposit)** ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ
ହେବା ପରେ ସ୍ଥିର କରାଯିବ । ଯଦି ମନୋନିତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମ
ଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀଙ୍କ **Earnest Money** କୁ ବାଜ୍ୟାପ୍ତି କରାଯିବ ।ନିଲାମ ଧାରୀଙ୍କ ସ୍ୱୀକୃତି ପରେ ନିଲାମ ପ୍ରକିୟାରେ ଅଂଶ ଗ୍ରଦଣ
କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ **Earnest Money** କୁ ଫେରସ୍ତ କରି ଦିଆଯିବ ।

9. ନିଲାମଧାରୀ ସମସ୍ତ **(Clearance)** ଦେୟ ଜମା କରିବା ପରେ **Form-N** ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜିଷ୍ଟ୍ରି (
**Registration Act 1908 & stamp Act 1890 &1899** ଅନୁଯାୟୀ ) ସମ୍ପାଦନ କରିବେ ।

10. **OMMC-rule -2016** ନିୟମବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତ କରିବାର କ୍ଷମତା କ୍ଷମତାପାପ୍ତ ଅଧିକାରୀଙ୍କର ଅଛି ।

11. ଲିଜଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା **Additional charge, Dead Rent, Surface Rent, DMF, EMF** ଓ ଅନ୍ୟାନ୍ୟ ଦେୟର
**OMMC-rule -2016** ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟକର **(TCS)** ବାବଦକୁ ଜମା
କରିବେ।

12. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ
ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ ସୂଚନା ଉଲ୍ଲେଖ କରିବେଏବଂ ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ
ବହନ କରିବେ ।

13 .ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବାI କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପ୍ରଯ୍ୟନ୍ତ ଲିଜଧାରୀ ସୈରାତ
ଉତ୍ସକୁ କାର୍ଯ୍ୟକ୍ଷମ କରି ପାରିବେ ନାହିଁ।

18. ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବ ସାଇଟ୍ <u>www.ganjam.nic.in</u> ରେ ଦେଖିପାରିବେ ।

15 .କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ **(MGQ)** ଏବଂ ଅତିରିକ୍ତ ଦେୟ **(Additional
charge)** ସଂଶୋଧନ କରିପାରିବେ ।

16. ନିଲାମ ଦରଖାସ୍ତକାରୀ ମାନେ ଓଡ଼ିଶାଲଘୁ ଖଣିଜ ନିୟମ 2016**(OMMC-rule -2016)** ଏବଂ ତତ୍ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ
ବାଧ ହେବେ ।

17. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉ ଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ
ଉତ୍ତୋଳନ ଏବଂ ପରିବହନ ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

18. ଯଦି ଉକ୍ତ ନିଲାମ ଇସ୍ତାହାର ରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତା ପ୍ରାପ୍ତ
ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରି ପାରିବେ ।

19. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତ କରି ଦିଆଯିବ ।

20. ଲିଜଧାରୀ **Mines Act-1952** ଏବଂ **Explosive Act-198** ର ସମସ୍ତ ନିୟମ ସର୍ତ୍ତାବଳୀରେ ଅନ୍ତର୍ଭୁକ୍ତ ରହିବେ ।

୩.୮.୨୨
ତହସିଲଦାର,ଚିକିଟୀ

ପତ୍ର ସଂଖ୍ୟା ୪୩୪୫ ତା ୦୩-୦୮-୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ ଗଞ୍ଜାମ / ଉପ ଜିଲ୍ଲାପାଳ ବ୍ରହ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୩.୮.୨୨
ତହସିଲଦାର,ଚିକିଟୀ

ପତ୍ର ସଂଖ୍ୟା ୪୩୪୬ ତା ୦୩-୦୮-୨୦୨୨

ଏହାର ଏକକିତା ନକଲ **NIC Ganjam** ଙ୍କ ଅବଗତି ତଥା ଗଞ୍ଜାମ ଜିଲ୍ଲା **Web Site** ରେଉପଲବ୍ଧକରିବାନିମନ୍ତେ ପ୍ରେରଣ କରାଗଲା ।

୩.୮.୨୨
ତହସିଲଦାର,ଚିକିଟୀ

ପତ୍ର ସଂଖ୍ୟା ୪୩୪୭ ତା ୦୩-୦୮-୨୦୨୨

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ ଚିକିଟୀ କେ.ନୁଆଗାଁ ପୋଲିସ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୩.୮.୨୨
ତହସିଲଦାର,ଚିକିଟୀ

ପତ୍ର ସଂଖ୍ୟା ୪୩୪୮ ତା ୦୩-୦୮-୨୦୨୨

ଏହାର ଏକକିତା ନକଲ ବି.ଡ଼ି.ଓ ଚିକିଟୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୩.୮.୨୨
ତହସିଲଦାର,ଚିକିଟୀ

ପତ୍ର ସଂଖ୍ୟା ୪୩୫୦ ତା ୦୩-୦୮-୨୦୨୨

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ସମସ୍ତ ରାଜସ୍ୱ ନିରୀକ୍ଷକ ନୋଟିସ ବୋର୍ଡ଼ ଉସ୍ତ ଗୁଡ଼ିକ ଥିବା ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

୩.୮.୨୨
ତହସିଲଦାର,ଚିକିଟୀ